## ସଂକ୍ଷେପରେ

### ନାବାଳିକାଙ୍କୁ ଅସଦାଚରଣ, ବରଫକଳ ମାଲିକ ଗିରଫ

ତିହିଡି,୨୧।୩(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡି ଥାନା ଅଧୀନ ଦୋଳସାହି ଗ୍ରାମର ଜଣେ ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ ହୋଇଛି। ନାବାଳିକାଙ୍କ ମା' ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ ୧୧୩/୨୫)ରୁଜୁ କରି ଅଭିଯୁକ୍ତ ବରଫକଳ ମାଲିକ ଶିବ ବେହେରା(୫୦)ଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୋଗ ମୁତାବକ, ଦୋଳସାହି ଗ୍ରାମରେ ଥିବା ବରଫକଳକୁ ଗ୍ରାମର ଜଣେ ନାବାଳିକା ଆଇସ୍‌କ୍ରିମ୍ ଆଣିବାକୁ ଯାଇଥିଲେ। କେହି ନ ଥିବାର ସୁଯୋଗ ନେଇ ମାଲିକ ତାଙ୍କୁ ଟଣାଓଟରା କରିଥିଲେ। ନାବାଳିକା ଏ ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ନାବାଳିକାଙ୍କ ମା' ଥାନାର ଦ୍ୱାରସ୍ଥ ହୋଇଥିଲେ।

# ଉଚ୍ଛେଦ ପୂର୍ବରୁ ଜାଗା ଖାଲିକଲେ ବ୍ୟବସାୟୀ

### ଥଇଥାନ ହୋଇ ନ ଥିବାରୁ ଅସନ୍ତୋଷ

ତିହିଡି,୨୧।୩(ସଞ୍ଜିତ ବଳ)


ଜାଗା ଖାଲି କରୁଛନ୍ତି ଜଣେ ବ୍ୟବସାୟୀ।

ଭଦ୍ରକ ଜିଲା ତିହିଡି ବଜାରରେ ସରକାରୀ ଜାଗା ଅବରୋଧ ମୁକ୍ତ କରାଯିବ। ଏ ନେଇ ପ୍ରଶାସନ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନ ୧୦ଟା ସମୟରେ ପୁଣିଥରେ ମାଇକ ଯୋଗେ ଜାଗା ଖାଲି କରିବାକୁ ବ୍ୟବସାୟୀଙ୍କୁ ଚେତାବନୀ ଦିଆଯିବା ସହ ଶନିବାର ସକାଳେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି। ଏଥିସହ ପ୍ରଶାସନ ପକ୍ଷରୁ ତିହିଡି ବଜାରର ବିଭିନ୍ନ ସ୍ଥାନରେ ଉଚ୍ଛେଦ ସମ୍ପର୍କରେ ନୋଟିସ୍ ମଧ୍ୟ ଲଗାଯାଇଛି। ଏଥିରେ ସରକାରୀ ଜାଗା ଅବରୋଧ କରିଥିବା ୧୨୩ ଜଣ ବ୍ୟବସାୟୀଙ୍କ ନାମ ଉଲ୍ଲେଖ ହୋଇଛି। ତେବେ ପ୍ରଶାସନର ଏହି ସୂଚନା ପରେ ଜବରଦଖଲରେ ଥିବା କେତେକ ଦୋକାନୀ ଜାଗା ଖାଲି କରିବା ଆରମ୍ଭ କରିଥିବା ବେଳେ ରାତି ସୁଦ୍ଧା ବାକି ବ୍ୟବସାୟୀ ଦୋକାନ ଭାଙ୍ଗିବେ ବୋଲି ଜଣାପଡ଼ିଛି। ଅପରପକ୍ଷେ ଥଇଥାନ ଦାବି ନେଇ ବ୍ୟବସାୟୀ ମାନେ ଉପ ଜିଲାପାଳଙ୍କୁ ଭେଟିଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ନୋଟିସ୍‌ରୁ ଜଣାପଡ଼ିଛି ଯେ, ମିର୍ଜାପୁର ମୌଜାର ଖାତା ନଂ. ୧୦୯୪ ପ୍ଲଟ୍ ନଂ. ୪୯୧, ୪୯୬, ୨୪୭୪, ୨୪୭୬ ନୟନଯୋରି କିସମର ସରକାରୀ ଜମି ଜବରଦଖଲ ହୋଇଛି। ଉପ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଗତ ୪ ତାରିଖରେ ମାଇକ୍ ଯୋଗେ ବ୍ୟବସାୟୀଙ୍କୁ ଅବରୋଧ ମୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ବି ସେମାନେ ଏହାର ଖିଲାପ କରିଛନ୍ତି। ଏଥିସହ ପ୍ରଶାସନର ବିଧିବଦ୍ଧ ଅନୁସନ୍ଧାନ ପରେ ବ୍ୟବସାୟୀ ମାନେ ବିନା ଅନୁମତିରେ ଜବରଦଖଲ କରିଥିବା ମଧ୍ୟ ନୋଟିସ୍‌ରେ ଉଲ୍ଲେଖ ରହିଛି। ଏହି ପରିପ୍ରେକ୍ଷୀରେ ଉପ ଜିଲାପାଳଙ୍କ ମାର୍ଚ୍ଚ ୧୮ ଆଦେଶ ସଂଖ୍ୟା ନଂ. ୯୫୫ ମୁତାବକ ନୋଟିସ୍ ଜାରିର ୩ ଦିନ ମଧ୍ୟରେ ୯ ନଂ. ରାଜ୍ୟ ରାଜପଥ ତିହିଡି ବଜାରର ଉଭୟ ପାର୍ଶ୍ୱରେ ସରକାରୀ ଜାଗାକୁ ଅବରୋଧ ମୁକ୍ତ କରିବାକୁ ବ୍ୟବସାୟୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହା କରା ନ ଗଲେ ଭାରତୀୟ ନ୍ୟାୟ ସୁରକ୍ଷା ସଂହିତା ଧାରା ୧୫୨ଅନୁଯାୟୀ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନୋଟିସ୍‌ରେ ଚେତାବନୀ ଦିଆଯାଇଛି। ତେବେ ଗତ ୪ ତାରିଖରେ ପ୍ରଶାସନର ମାଇକ ପ୍ରଚାର ଅନୁଯାୟୀ ୧୧ତାରିଖରେ ଉପ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବାକୁ ଏବଂ ୧୨ ତାରିଖରେ ଏହାର ଶୁଣାଣି ହେବ ବୋଲି ବ୍ୟବସାୟୀଙ୍କୁ ସୂଚନା ଦିଆଯାଇଥିଲା। ତଦନୁଯାୟୀ ନାରାୟଣ ନାଥ, କୃଷ୍ଣଚନ୍ଦ୍ର ପୃଷ୍ଟି, ଚକ୍ରଧର ଓଝା, ମଧୁସୂଦନ ନାୟକ, ରଘୁନାଥ ନାୟକ ପ୍ରମୁଖ ବ୍ୟବସାୟୀ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରି ଉଚ୍ଛେଦ ପୂର୍ବରୁ ସେମାନଙ୍କୁ ଥଇଥାନ କରିବାକୁ ଦାବି ଜଣାଇଥିଲେ। ଏପରିକି ଥଇଥାନ ପାଇଁ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ମଧ୍ୟ ସେମାନେ ଉପସ୍ଥାପନ କରିଥିଲେ। ମାତ୍ର ସେମାନଙ୍କ ଦାବିପୂରଣ ହୋଇ ନ ଥିବା ବେଳେ ଉଚ୍ଛେଦ ପାଇଁ ପ୍ରଶାସନର ପ୍ରସ୍ତୁତିକୁ ପ୍ରଶାସନର ମନମୁଖୀ କାର୍ଯ୍ୟ ବୋଲି ସେମାନେ ଦର୍ଶାଇଛନ୍ତି। ଅପରପକ୍ଷେ ବହୁବର୍ଷ ଆଗରୁ ସମସ୍ତ ଦୋକାନୀଙ୍କୁ କ୍ଷତିପୂରଣ ଦିଆଯାଇ ଥଇଥାନ କରାଯାଇଥିବା ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ କହିଛନ୍ତି।

# ଗାଁ ମାଟି, ପାଣି, ପବନର ବାସ୍ନା ନିଆରା


ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଉଛି।

### ବାଲିମେଦ ଦୋଳ ମହୋତ୍ସବର ତୃତୀୟ ସନ୍ଧ୍ୟା

ସାବରଙ୍ଗ,୨୧।୩(କାଳିପଦ ରାୟ)

ଗାଁ ବିକଶିତ ହେଲେ ଦେଶ ବିକଶିତ ହେବ। ସହରର କୃତ୍ରିମ ଚାକଚାକ୍ୟକୁ ଛାଡ଼ି ଏବେ ଗାଁ ମୁହାଁ ହେଲେଣି ସହରବାସୀ। ଦେଶ ସ୍ୱାଧୀନ ପୂର୍ବରୁ ଗାନ୍ଧିଜୀ ବାଲିମେଦର ଚାରବାଟିଆକୁ ଆସିଥିଲେ। ପୁଣ୍ୟତୟା ମନ୍ତେଇ ନଦୀକୂଳରେ ଅବସ୍ଥିତ ଏହି ଗ୍ରାମରେ ଗତ ୩ ଦିନ ଧରି ଅନୁଷ୍ଠିତ ହୋଇଛି ବାଲିମେଦ ଦୋଳ ମହୋତ୍ସବ। ଜିଲାର ପ୍ରଥମ କରି ପଞ୍ଚାୟତସ୍ତରରେ ଅନୁଷ୍ଠିତ ଗୁରୁବାର ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଭକ୍ତହରି ମହାନ୍ତି, ପାଲା ମଣ୍ଡଳର ସଭାପତି ସନାତନ ପୁରୀ, କବି ଓ ସାହିତ୍ୟିକ କମଳାକାନ୍ତ ଦାସ, ଜୟନ୍ତ ମହାନ୍ତି, କଳାକାର କପିଳନାଥ ଶର୍ମା ପ୍ରମୁଖ ଯୋଗଦେଇ ଗାଁ ମାଟି, ପାଣି, ପବନର ବାସ୍ନା ନିଆରା ବୋଲି ମତ ରଖିଥିଲେ। ବାସୁଦେବପୁର ଶିଶୁ ବିହାର ଓ ଓଡ଼ିଆ ଭାଷା ସଂସ୍କୃତି ବିଭାଗର ସାଇ ଡ୍ୟାନ୍ସ ଗ୍ରୁପର କଳାକାରମାନେ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ। ଯୁବ ସାମାଜିକକର୍ମୀ ରଶ୍ମିରଞ୍ଜନ ମହାନ୍ତି, ସୁଶାନ୍ତ ମହାନ୍ତି, ନରେନ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବୁଲିଲା କନ୍ୟାସନ୍ତାନ ସୁରକ୍ଷା ସଚେତନତା ରଥ

ତିହିଡି,୨୧।୩(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡି ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଶୁକ୍ରବାର କନ୍ୟା ସନ୍ତାନ ସୁରକ୍ଷା ସଚେତନତା ରଥ ପରିକ୍ରମା କରିଛି। ଜିଲା ପ୍ରଶାସନ ଓ ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଆୟୋଜନରେ ଏହି ରଥ ପରିକ୍ରମା କରିଥିବା ବେଳେ ତିହିଡିର ଭାରପ୍ରାପ୍ତ ସିଡିପିଓ ସବିତା ବେହେରା ଏହାର ଶୁଭାରମ୍ଭ କରିଥିଲେ। ରଥ ବ୍ଲକ୍‌ର ଭାଟପଡ଼ା, ଫତେପୁର, କୋଲ୍ହ, ମଙ୍ଗଳପୁର, ସିନ୍ଦୋଳ, ମୁକୁନ୍ଦପୁର ପ୍ରମୁଖ ପଞ୍ଚାୟତ ବୁଲି କନ୍ୟା ସନ୍ତାନ ଅମୂଲ୍ୟ ରତ୍ନର ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇଥିଲା। ଶୁଭାରମ୍ଭ ସମୟରେ ଅଙ୍ଗନୱାଡ଼ି ସୁପରଭାଇଜର ନମିତା ସାହୁ, ପ୍ରମିଳା ବେହେରା, ପଦ୍ମାଳୟା ମହାନ୍ତି, ମୀନାଲତା ନାୟକ, କରିସ୍ମା ପାଣିଗ୍ରାହୀ, କ୍ଷଣପ୍ରଭା ବାରିକ, ହାରାମଣି ଦାସ, କାଜଲ ନାୟକ, ବୈଜୟନ୍ତୀମାଳା ନାୟକ, କର୍ମୀ ସୁଜାତା ଜେନା, ପ୍ରଭାତୀ ଦାସ, ଗୀତାରାଣୀ ସେଠୀ, ସଙ୍ଗୀତା ବଳ, ବିଳାସିନୀ ପଲାର, କୃଷ୍ଣପ୍ରିୟା ଜେନା ପ୍ରମୁଖ ଉପସ୍ଥିତ ଥିଲେ।


ଭାରପ୍ରାପ୍ତ ସିଡିପିଓ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

# ନିର୍ମାଣ ଶ୍ରମିକ ସଂଘର ବିକ୍ଷୋଭ



ଶୋଭାଯାତ୍ରାରେ ସାମିଲ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ସଦସ୍ୟମାନେ।

ଭଦ୍ରକ,୨୧।୩(ରବିନାରାୟଣ ଖିଲାର)

ଶ୍ରମିକ ବିରୋଧୀ ୪ଟି ଶ୍ରମକୋର୍ଡ ବାତିଲ କରିବା, ନିର୍ମାଣ ଶ୍ରମିକମାନଙ୍କ ନାମ ପଞ୍ଜୀକରଣ ପ୍ରକ୍ରିୟାର ସରଳୀକରଣ କରିବା, ବନ୍ଦ ହୋଇ ରହିଥିବା ନିର୍ମାଣ ଶ୍ରମିକଙ୍କ ପିଲାମାନଙ୍କ ପାଠପଢ଼ା ଖର୍ଚ୍ଚ ଓ ବୃତ୍ତିରାଶି ତୁରନ୍ତ ପୈଠ କରିବା, ନିର୍ମାଣ ଶ୍ରମିକମାନଙ୍କ ଝିଅ ବିଭାଘର ପାଇଁ ମିଳୁଥିବା ଆର୍ଥିକ ବକେୟା ଅନୁଦାନ ତୁରନ୍ତ ପ୍ରଦାନ ଆଦି ଦାବି ନେଇ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ, ଭଦ୍ରକ ଜିଲା କମିଟି ପକ୍ଷରୁ ଶୁକ୍ରବାର ଜିଲା ଶ୍ରମ ଦପ୍ତର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଏକ ଶୋଭାଯାତ୍ରା ବନ୍ତ ଛକଠାରୁ ବାହାରି ଭଦ୍ରକ ସହର ପରିକ୍ରମା କରିଥିଲା। ସିଆଇଟିୟୁ ଜିଲା ସଭାପତି ଦିବ୍ୟସିଂହ ନାୟକଙ୍କ ସଭାପତିତ୍ୱରେ ଏକ ସଭା ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସିଆଇଟିୟୁ ଜିଲା ସମ୍ପାଦକ କାଳନ୍ଦୀ ପାତ୍ର, ସିପିଆଇ(ଏମ୍) ଜିଲା କମିଟି ସଭ୍ୟ ବିକାଶ ନାଥ, ସିଆଇଟିୟୁ ଜିଲା ଉପସଭାପତି ମଳୟ ଭୋଇ, ରାଧାନାଥ ଦାସ , ବିଷ୍ଣୁ ଦାଶ, ନିର୍ମାଣ ଶ୍ରମିକ ସଂଘର ଯୁବନେତା ଅକ୍ଷୟ ସେଠୀ, ଅମୀୟ ନାୟକ, ମହେଶ୍ୱର ନାୟକ,ସେକ କମର, ସନାତନ ଯେନା, ମହିଳା ନେତ୍ରୀ ସୀତା ଦାସ, ଈନ୍ଦୁଲତା ଦାସ, ଗଙ୍ଗାଧର ମହାଳିକ ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଶେଷରେ ଏକ ପ୍ରତିନିଧି ଦଳ ଜିଲା ଶ୍ରମ ଅଧିକାରୀଙ୍କୁ ଭେଟି ଦାବି ସମ୍ପର୍କରେ ଆଲୋଚନା କରିଥିଲେ।

# 'ସଂସ୍କୃତି, ପରମ୍ପରାକୁ ନେଇ ଗର୍ବ କରିବା ଉଚିତ'

### ଆଗରପଡ଼ା ମହୋତ୍ସବର ୩ୟ ସନ୍ଧ୍ୟା

ବନ୍ତ,୨୧।୩(ହରି ନାରାୟଣ ମହାନ୍ତି)

ବରପୁତ୍ରଙ୍କ ମାଟିରେ ଭିନ୍ନ ମାନସିକତା ଆଣି ଅସତ୍ୟରୁ ସତ୍ୟ ଓ ଅନ୍ଧାରରୁ ଆଲୋକ ବର୍ତ୍ତିକା ହେବାରେ ମହୋତ୍ସବ ସହାୟକ ହେବ ବୋଲି କହିବା ସହ ଆମ ସଂସ୍କୃତି ଓ ପରମ୍ପରାକୁ ନେଇ ଆମେ ଗର୍ବ କରିବା ଉଚିତ ବୋଲି ଗୁରୁବାର ସନ୍ଧ୍ୟା ୬ଟାରେ ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ହେମପଦ୍ମ ଗାଲାକ୍ସିଠାରେ ଚାଲିଥିବା ଦ୍ୱାଦଶତମ ଉତ୍କଳ କେଶରୀ ମହୋତ୍ସବର ୩ୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାରପ୍ରାପ୍ତ ବିଡିଓ ନିଶିକାନ୍ତ ଖୁଣ୍ଟିଆ ଯୋଗଦେଇ କହିଥିଲେ। ମହୋତ୍ସବ କମିଟିର ସଭାପତି ତଥା ଉଚ୍ଚ ନ୍ୟାୟାଳୟର ଆଇନ୍‌ଜୀବୀ ମନୋଜ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଆଗରପଡା ଥାନାଧିକାରୀ ଶ୍ରୀକାନ୍ତ କୁମାର ପତି, ବିଶିଷ୍ଟ ଅତିଥି ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରଦ୍ଧାସୁମନ ନାଥ, ସମ୍ମାନୀତ ଅତିଥି ଉପଦେଷ୍ଟା ଗୋଲକ ପୃଷ୍ଟି ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ମହୋତ୍ସବ କମିଟିର ସମ୍ପାଦକ ହେମନ୍ତ ସିଂହ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଏବଂ କମିଟିର ଉପସଭାପତି ମମତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅଭିନେତ୍ରୀ ରାଣୀ ପ୍ରିୟଦର୍ଶନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅଧ୍ୟାପିକା ପ୍ରତିମା ସାହୁ ମାନପତ୍ର ପଠନ କରିଥିଲେ। ପରେ ରାଣୀ ପ୍ରିୟଦର୍ଶନୀ ଚଳଚ୍ଚିତ୍ର ସଂଳାପ ଓ ନୃତ୍ୟ ପରିବେଷଣ କରିଥିଲେ। ଆନ୍ତର୍ଜାତୀୟ ନୃତ୍ୟଗୁରୁ ଶୁଭେନ୍ଦୁ ଲେଙ୍କାଙ୍କ ମଞ୍ଚ ଉପସ୍ଥାପନାରେ ସଞ୍ଚାର ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ କମିଟିର ଉମାକାନ୍ତ ମହାପାତ୍ର, ସନ୍ତୋଷ ପୁହାଣ,ସପନ ସିଂହ, ନମିତା ବେହେରା, ଚିତ୍ତରଞ୍ଜନ ଦାସ, ଦୀପକ ପୁରୀ, ମାମୁନି ସିଂହ, ଜଗନ୍ନାଥ ପଳତା, ପଦ୍ମନାଭ ସେଠୀ ସହଯୋଗ କରିଥିଲେ। ଏହି ମହୋତ୍ସବ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ।



ମଞ୍ଚରେ ଉପସ୍ଥିତ ଅତିଥିମାନେ।

# ସ୍ୱାସ୍ଥ୍ୟ ମିଶନ କର୍ମଚାରୀଙ୍କ ଆନ୍ଦୋଳନ

### ଆୟୁଷ୍ମାନ ଭାରତ କାର୍ଡ ବାଣ୍ଟିବେ ବିଡିଓ

ଭଣ୍ଡାରିପୋଖରୀ,୨୧।୩(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାର୍ଯ୍ୟ କରୁଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀ ମାନେ ଆନ୍ଦୋଳନରେ ଯୋଗ ଦେଇଥିବାରୁ ଆୟୁଷ୍ମାନ ଭାରତ ବୀମା କାର୍ଡ଼, ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଡ଼, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କାର୍ଡ଼ ବିତରଣ ବିଡିଓମାନଙ୍କୁ ପ୍ରଦାନ କରିଥିବା ଜଣାପଡ଼ିଛି। ଜନସେବା କେନ୍ଦ୍ର ମାଧ୍ୟମରେ ବିଡିଓ ଆୟୁଷ୍ମାନ ଭାରତ କାର୍ଡ ହିତାଧିକାରୀମାନଙ୍କୁ ବିତରଣ କରିବାକୁ ନିର୍ଦ୍ଦେଶ ହୋଇଛି। ସ୍ଥାୟୀ ନିଯୁକ୍ତି ଆଦି ୬ ଦଫା ଦାବି ପୂରଣ ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀମାନେ ମାର୍ଚ୍ଚ ୧୦ ତାରିଖରୁ ଆନ୍ଦୋଳନ ଚଳାଇଥିବା ବେଳେ ଭଣ୍ଡାରିପୋଖରୀ ବ୍ଲକର ୧୭ ଜଣ କର୍ମଚାରୀ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

# ପୂର୍ବ ଶତ୍ରୁତାରୁ ମେଶିନ ପୋଡ଼ିଦେଲେ

### ୪ ଜଣଙ୍କ ନାଁରେ ମାମଲା

ଚାନ୍ଦବାଲି,୨୧।୩(କିଷାନ ପାତ୍ର)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୁରୁବାର ମଧ୍ୟ ରାତିରେ ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ନାଲୁଗୁଣ୍ଡା ପଞ୍ଚାୟତ ଇଟୁଆ ଗ୍ରାମର ଦିଲ୍ଲୀପ କୁମାର ଭୋଇଙ୍କ ଜେସିବି ମେଶିନ(ଓଡି ୨୯ଏଚ୍ ୩୬୬୨)କୁ ଦୁର୍ବୃତ୍ତମାନେ ନିଆଁ ଲଗାଇ ପୋଡ଼ି ଦେଇଛନ୍ତି। ବାଂଶଡ଼ା ଥାନାରେ ଦିଲ୍ଲୀପ ଭୋଇ କରିଥିବା ଅଭିଯୋଗ ଅନୁଯାୟୀ, ଗୁରୁବାର ରାତି ପ୍ରାୟ ୮ଟା ବେଳେ ମତୋ ଗଉଡୁଣୀ ପୋଖରୀରେ କାମ ସାରି ତାଙ୍କ ବନ୍ଧୁ ଆନନ୍ଦ ସାମଲଙ୍କ ଘର ପାଖରେ ଜେସିବି ମେଶିନ ରଖି ଡ୍ରାଇଭର ଗାଡ଼ି ମାଲିକଙ୍କ ଘରକୁ ଶୋଇବାକୁ ଯାଇଥିଲେ। ରାତି ପ୍ରାୟ ୨ଟା ବେଳେ ଜେସିବି ମେଶିନ ଜଳୁଥିବା ଖବର ପାଇ ଗାଡ଼ି ମାଲିକ ଦମକଳ ବାହିନୀକୁ ଫୋନ କରିଥିଲେ। ପରେ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ସୁଦ୍ଧା ମେଶିନ ସମ୍ପୂର୍ଣ୍ଣ ଜଳିଯାଇଥିଲା। କେହି ଦୁର୍ବୃତ୍ତ ପେଟ୍ରୋଲ ପକାଇ ସେଥିରେ ନିଆଁ ଲଗାଇ ଦେଇଥିବା ଅନୁମାନ କରାଯାଇଛି। ଏନେଇ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୪ ଜଣଙ୍କ ଉପରେ ସନ୍ଦେହ ହେଉଥିବା ଅଭିଯୋଗରେ ଗାଡ଼ି ମାଲିକ ଦିଲ୍ଲୀପ ଦର୍ଶାଇଛନ୍ତି। ଉକ୍ତ ୪ଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚାଲିଥିବା ଥାନା ଅଧିକାରୀ ମହମ୍ମଦ ହାପିଜ ସୂଚନା ଦେଇଛନ୍ତି।

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ


ମହିଳାମାନେ ଏତଲା ଦେଉଛନ୍ତି।

### ଗ୍ରାମବାସୀ ଥାନାର ଦ୍ୱାରସ୍ଥ

ଧାମନଗର,୨୧।୩ (ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗର ବ୍ଲକ୍ ଭଗବାନପୁର ପଞ୍ଚାୟତର ଡିଗି ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ନିକଟସ୍ଥ କୋରିଗାଁ ପଞ୍ଚାୟତର ଜଣେ ବ୍ୟକ୍ତି ପ୍ରାୟ ୬ ଜଣ ସହଯୋଗୀଙ୍କ ସହ ମାରଣାସ୍ତ୍ର ଧରି ଗ୍ରାମରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏଥି ସହ ଗ୍ରାମର ମହିଳା ଓ ପୁରୁଷଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ଗ୍ରାମର ୭ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଗୁରୁତର ହୋଇ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଗୁରୁତର ଯାଜପୁର ମେଡିକାଲ ଓ ୩ ଜଣ ଭଦ୍ରକ ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି। ଧାମନଗର ପୋଲିସ ପହଞ୍ଚିବା ବେଳକୁ ଆକ୍ରମଣକାରୀ ମାନେ ଫେରାର ହେଇଯାଇଥିଲେ। ଅଭିଯୋଗ ମୁତାବକ, ଭଣ୍ଡାରିପୋଖରୀ ବ୍ଲକ୍ କୋରିଗାଁ ପଞ୍ଚାୟତର ଉକ୍ତ ବ୍ୟକ୍ତିଙ୍କ ସହ ଗତ ଶିବରାତ୍ରିରେ ମନ୍ଦିର ପ୍ରାଙ୍ଗଣରେ କୌଣସି ଏକ ଘଟଣାରୁ ଗ୍ରାମବାସୀଙ୍କ ଯୁକ୍ତିତର୍କ ପରେ ମାରପିଟ୍ ହୋଇଥିଲା। ସେହିଦିନଠାରୁ ଉଭୟ ଗ୍ରାମର ଛକାପଞ୍ଝା ଲାଗି ରହିଥିଲା। ଗତ ଗୁରୁବାର ବିଳମ୍ବିତ ରାତି ପ୍ରାୟ ୧୦ଟା ସମୟରେ ଡିଗି ଗ୍ରାମରେ ସମସ୍ତେ ଶୋଇଥିବା ବେଳେ ଉକ୍ତ ବ୍ୟକ୍ତି ସହ ପ୍ରାୟ ୬ ଜଣ ଯୁବକ ଘର ଭିତରେ ପଶି ମାଡ଼ ମାରିଥିଲେ। ପରେ ଗ୍ରାମବାସୀମାନେ ପ୍ରତିରୋଧ କରିବାରୁ ସେମାନଙ୍କୁ ହାତରେ ଧରିଥିବା ବନ୍ଧୁକ, ଭୁଜାଲି, ମଦ ବୋତଲ, ଲୁହା ରଡ଼ ଦ୍ୱାରା ଆକ୍ରମଣ କରିଥିଲେ। ଆକ୍ରମଣରେ ଗ୍ରାମର ପଞ୍ଚାନନ ବେହେରା (୭୦), ଅଶୋକ ପରିଡ଼ା (୪୦), ନରି ପରିଡ଼ା (୨୦), ବନମାଳୀ ପରିଡ଼ା (୬୨), ତିଳୋତ୍ତମା ପରିଡ଼ା (୪୦) ପ୍ରମୁଖ ଆହତ ହୋଇଛନ୍ତି। ଘଟଣାକୁ ନେଇ ଶୁକ୍ରବାର ପୂର୍ବାହ୍ନରେ ଗ୍ରାମର ବହୁ ସଂଖ୍ୟାରେ ମହିଳା ଧାମନଗର ଥାନାରେ ପହଞ୍ଚି ନ୍ୟାୟ ମାଗିବା ସହ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଗ୍ରାମର ତିଳୋତ୍ତମା ପରିଡ଼ା, ଜ୍ୟୋସ୍ନାରାଣୀ ବେହେରା, ପ୍ରମିଳା ପରିଡ଼ା, ପ୍ରୀତିଲତା ବେହେରା, ସବିତା ପରିଡ଼ା ପ୍ରମୁଖ ଏତଲା ଦେଇଛନ୍ତି।

# ସମୁଦ୍ର ମୁହାଣରେ ସଚେତନତା


ଚନ୍ଦନୀପାଳରେ ଅନୁଷ୍ଠିତ ସଚେତନତା ଶିବିର।

### ଅଲିଭ୍ ରିଡ୍‌ଲେ କଇଁଛ ଓ ଡଲଫିନ୍ ସୁରକ୍ଷା

ଚାନ୍ଦବାଲି,୨୧।୩(ଅଶୋକ ପଣ୍ଡା/ କିଷାନ ପାତ୍ର)

ବିଶ୍ୱରେ ବିରଳ ପ୍ରଜାତିର ଅଲିଭ୍ ରିଡ୍‌ଲେ କଇଁଛ ଓ ବଟଲ ନୋଜ ଇରାୱାଡି ଡଲଫିନଙ୍କ ସୁରକ୍ଷା ସହିତ ସମୁଦ୍ର ବେଳାଭୂମିକୁ ପରିଷ୍କାର ରଖିବା ପାଇଁ ଭଦ୍ରକ ଜିଲା ଧାମରା ଉପକୂଳ ଚନ୍ଦନୀପାଳ ବେଳାଭୂମିରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏସିଏଫ୍ ସୁମିତ ମହାନ୍ତିଙ୍କ ତତ୍ତ୍ୱାବଧାନ ଓ ଚାନ୍ଦବାଲି ରେଞ୍ଜ ଅଫିସର ସୁଶାନ୍ତ ବାଗଙ୍କ ଉପସ୍ଥିତରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ଶିବିରରେ ଧାମରାଇ ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ପିଲାମାନେ ପ୍ରଥମେ ବେଳାଭୂମି ସଫେଇ କରିଥିଲେ। ପରେ ଅଞ୍ଚଳବାସୀଙ୍କ ନିମନ୍ତେ ଅଲିଭ୍ ରିଡ୍‌ଲେ କଇଁଛ ଏବଂ ଡଲଫିନ୍‌ଙ୍କ ସୁରକ୍ଷା ପାଇଁ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ସୁରକ୍ଷା ସମ୍ବଳିତ ପ୍ଲାକାର୍ଡଧରି ସ୍ଲୋଗାନ ଦେଇ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ମତ୍ସ୍ୟଜୀବୀ, ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ର, ସ୍ଥାନୀୟ ବୁଦ୍ଧିଜୀବୀ, ବନ କର୍ମଚାରୀମାନେ ସାମୁଦ୍ରିକ ଜୀବ ।ନଙ୍କ ସୁରକ୍ଷା ପାଇଁ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମରେ ବନ ବିଭାଗର ଡେପୁଟି ରେଞ୍ଜର ସୁଶାନ୍ତ ବାଗ, କୁମୁଦ ସାହୁ, ସୂର୍ଯ୍ୟକାନ୍ତ ପଣ୍ଡା, କୃଷ୍ଣ ବାସ୍କେ, ସନ୍ତୋଷ ମାଝୀ, ପ୍ରୀତିରାଣୀ ଦାସ, ରଶ୍ମିତା ସାହୁ, ପ୍ରଶାନ୍ତ ସାହୁ ନକୁଳ ବାରିକ, ଧାମରାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ, ସହକାରୀ ମତ୍ସ୍ୟ ବିଭାଗ ଅଧିକାରୀ ସୌମ୍ୟପ୍ରକାଶ ସେଠୀ, ଶ୍ରୀକୃଷ୍ଣ ବାରିକ, ବିଜୟ ମାଝୀ ପ୍ରମୁଖ ଯୋଗ ଦେଇଥିଲେ।

### କଶିଆ ଉପକୂଳରେ ଶୋଭାଯାତ୍ରା ଓ ଶପଥ ପାଠ

ସାବରଙ୍ଗ,୨୧।୩(କାଳିପଦ ରାୟ)

ବାସୁଦେବପୁର ବନ ବିଭାଗ ପକ୍ଷରୁ ଡଲଫିନ୍ ଓ ଅଲିଭ୍ ରିଡ୍‌ଲେ କଇଁଛର ସୁରକ୍ଷା ପାଇଁ କଶିଆ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ସଚେତନତା ସୃଷ୍ଟି କରାଯାଇଛି। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ମତ୍ସ୍ୟଜୀବୀମାନଙ୍କୁ ନେଇ ଗୁରୁବାର ସଚେତନତା ସଭା କରାଯାଇଛି। ବନ ବିଭାଗ ପକ୍ଷରୁ ଜେଠୀକୁ ସଫେଇ କରିବା ପରେ ସଚେତନତା ଶୋଭାଯାତ୍ରା ଓ ଶପଥ ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ଏସିଏଫ୍ ସୁମିତ ମହାନ୍ତି, ରେଞ୍ଜର ଅତୁଲ୍ୟ ମହାନ୍ତି, ଫରେଷ୍ଟର ସୁଶୀଳ ସିଂଙ୍କ ସମେତ ବନ କର୍ମଚାରୀ, ସ୍ଥାନୀୟ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

